ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୈଷୟିକ ଫିଶ୍ୱଫିଦ୍ୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 16-01-2026**

**ଜଗତସିଂହପୁର(ଓଡିଶା) - :2026-01-16 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-01-17 | 2026-01-18 | 2026-01-19 | 2026-01-20 | 2026-01-21 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 28.0 | 27.0 | 29.0 | 29.0 | 29.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 11.0 | 12.0 | 12.0 | 11.0 | 12.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 71 | 75 | 79 | 81 | 74 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 16 | 21 | 26 | 26 | 23 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 9 | 7 | 9 | 7 | 8 |
| ପବନର ଦିଗ (ଡିଗ୍ରୀ) | 4 | 352 | 343 | 326 | 301 |
| ମେଘାଚ୍ଛନ (ଅକ୍ଟା) | 1 | 0 | 0 | 0 | 0 |
| ସତର୍କବାଣୀ | ଶୀତ ଲହର | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୭ – ୦୯ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୭ - ୨୯ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୧ - ୧୨ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଆସନ୍ତାକାଲି ପାଇଁ ଅତ୍ୟଧିକ ଶୀତ ଲହରୀର ସତର୍କତା ଚେତାବନୀ ରହିଛି ।

**ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:**

|  |
|---|
| □ ବର୍ତମାନ ଲାଗିଥିବା କୋବି ଜାତୀୟ ପନିପରିବା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡାଇ ରଖନ୍ତୁ । □ ପନିପରିବା ତଳି ଘେରା କୁ ନଡା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । □ ବର୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡା ଘରେ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ କୁକୁଡା ଗୃହ ରେ ଇଲେକଟ୍ରିକ ବଲବ କିମ୍ବା ହିଟର ଲଗାନ୍ତୁ ଓ ପୋଲିଥିନ କିମ୍ବା ଝୋଟ ଅଖା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |

**ସାଧାରଣ ଉପଦେଶ:**

|  |
|---|
| □ କୁହୁଡି, କମ ତାପମାତ୍ରା ଓ ଆଦ୍ରତା ଚାପରୁ କ୍ଷତି ନ ହେବା ପାଇଁ, ଛିଡା ହୋଇଥିବା ଫସଲ ଓ ପନିପରିବା ରେ ହାଲୁକା ଜଳସେଚନ କରନ୍ତୁ । □ ଡାଲୁଅ ଧାନର ମୁଖ୍ୟ ଜମି ପ୍ରସ୍ତୁତ କରନ୍ତୁ ଓ ୨୧ ଦିନିଆ ତଳି ୪ ରୁ ୫ ପତ୍ର ହେବା ଅବସ୍ଥା ରେ ମୁଖ୍ୟ ଜମି ରେ ରୋପଣ କରନ୍ତୁ । ପ୍ରତି ହିଡ ରେ ୧୫ ସେମି ବ୍ୟବଧାନ ରେ ୨ ରୁ ୩ ଟି ଚାରା ଲଗାନ୍ତୁ ଓ ହିଡ କୁ ହିଡ ର ବ୍ୟବଧାନ ୧୦ ସେମି ରଖନ୍ତୁ । □ ଧାନ ତଳି ଉପାଡିବା ୨ ରୁ ୩ ଦିନ ପୂର୍ବ ରୁ ୨-୩ ସେମି ଠିଆ ପାଣି ରଖନ୍ତୁ । □ ବର୍ତମାନ ଲାଗିଥିବା କୋବି ଜାତୀୟ ପନିପରିବା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡାଇ ରଖନ୍ତୁ । □ ପନିପରିବା ତଳି ଘେରା କୁ ନଡା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । □ ବର୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡା ଘରେ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ କୁକୁଡା ଗୃହ ରେ ଇଲେକଟ୍ରିକ ବଲବ କିମ୍ବା ହିଟର ଲଗାନ୍ତୁ ଓ ପୋଲିଥିନ କିମ୍ବା ଝୋଟ ଅଖା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

|  |
|---|
| □ କୁହୁଡି, କମ ତାପମାତ୍ରା ଓ ଆଦ୍ରତା ଚାପରୁ କ୍ଷତି ନ ହେବା ପାଇଁ, ଛିଡା ହୋଇଥିବା ଫସଲ ଓ ପନିପରିବା ରେ ହାଲୁକା ଜଳସେଚନ କରନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ମୂଳସାର ପ୍ରୟୋଗ ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ଧାନ ତଳି ରୋଇବା କୁ ଯାଉଛନ୍ତି, ମୂଳସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଲୋଗ୍ରାମ ଡିଏପି, ୩୦ କିଲୋଗ୍ରାମ ମୁରେଟ ଓଫ ପଟାଶ, ଏବଂ ୮ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ। ଜମି ରେ ଜିଙ୍କ ଅନଣୁସାର ର ଅଭାବ ଦେଖାଯାଉଥିଲେ ପ୍ରତି ୩ ବର୍ଷ ରେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ ସଲଫେଟ ୨୧ ଶତକଡା ଜିଙ୍କ ଅଣୁସାର କୁ ଶେଷ କାଦୁଆ କରିବା ସମୟରେ ପ୍ରୟୋଗ କରନ୍ତୁ। ୨୦ ରୁ ୨୫ ଦିନ ର ତଳି କୁ ଧାଡି ରେ ୨୦ ସେ.ମି. ଏବଂ ଗଛ କୁ ଗଛ ୧୫ ସେ.ମି. ବ୍ୟବଧାନ ରେ ରଖୀ ବୁଦା ପ୍ରତି ୨-୩ ଟି ତଳି ଲଗାନ୍ତୁ। |
| ବାଦାମ | □ ଧବଳ ଭୃଙ୍ଗ ପୋକ ଚିନାବାଦାମ ରେ ଧବଳ ଭୃଙ୍ଗ ପୋକ ର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ ମିଲି Chloropyriphous କିମ୍ବା ୧ ମିଲି Imidacloprid ୩୦.୫ sc ମିଶାଇ ଗଛ ମୂଳ କୁ ଭିଜନ୍ତୁ । □ କାଣ୍ଡ ପଚା ରୋଗ ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Validamycin କିମ୍ବା ୩୦୦ ଗ୍ରାମ Captan ଓ Hexaconazole ର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ । |
| ବିରି | □ ସମ୍ବାଲୁଆ ପୋକ ମୁଗ ଏବଂ ବରି ଫସଲ ରେ ସମ୍ବାଲୁଆ ପୋକ ର ପରଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ । ଏକର ପ୍ରତି ୧୦ କିଲୋଗ୍ରାମ chlorpyriphos ଗୁଣ୍ଡ କୁ ହିଡ ଉପରେ ପ୍ରୟୋଗ କରନ୍ତୁ। |
| ଆଖୁ | □ ଆଖୁ ଫସଲ ଅଧିକ ପରିମାଣ ରେ ଖାଦ୍ୟସାର ଗ୍ରହଣ କରିଥାଏ । ଆଖୁ ଲଗାଇବା ପୂର୍ବ ରୁ ଶେଷ ଓଡ ସମୟରେ ଏକର ପ୍ରତି ୪ ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଆଖୁ ଲଗାଇବା ସମୟରେ ସିଆର ରେ ୮୭ କିଲୋଗ୍ରାମ ଡିଏପି ଓ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ମାଟିରେ ଭଲ ଭାବରେ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ମିଶାଇ ଦିଅନ୍ତୁ ଏବଂ ସିଆର ରେ ୨-୩ ଇଞ୍ଚ ମାଟି ଘୋଡାଇ ଆଖୁ ବିହନ ଲଗାନ୍ତୁ । ବିହନ ଲଗାଇବାର ୪୫ ଓ ୭୫ ଦିନ ବେଳ କୁ ଏକର ପ୍ରତି ୬୦ କିଲୋଗ୍ରାମ ହିସାବରେ ୟୁରିଆ ସାର ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୧୦୫ ଦିନ ବେଳ କୁ ଆଉ ଥରେ ଏକର ପ୍ରତି ୬୦ କିଲୋଗ୍ରାମ ୟୁରିଆ ସାର ସହିତ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଆଖୁ ଲଗାଇବାର ୧୨୦ଦିନ ପରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ନଚେତ ଅମଳ ବିଳମ୍ବ ହେବା ସହିତ ଶର୍କରା ଅଂଶ କମିଯାଏ ଏବଂ ଅମଳ ହ୍ରାସ ପାଇଥାଏ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କାଓପିଇ | □ ସମ୍ବାଳୁଆ ପୋକ ସଂକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. @ ୮୦ ମି.ଲି ଏକର ପ୍ରତି ୨୦୦ ଲିଟର ମିଶାଇ ସିଞ୍ଚନ କରନ୍ତୁ \| □ ସର୍କୋସ୍ପୋରା ଜନିତ ପତ୍ରପୋଡା ରୋଗ ଦେଖାଦେଲେ ୨୦୦ ମି.ଲି. ଡାଇଫେନୋକୋନାଜୋଲ୍ ୨୫% ଇ.ସି. କିମ୍ବା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲ୍ୟୁ.ପି. ମିଶ୍ରିତ ଫିମ୍ପି ନାଶକ ଏକର ପ୍ରତି ୨୦୦ ଲିଟର ମିଶାଇ ସିଞ୍ଚନ କରନ୍ତୁ \| |
| ଟମାଟର | □ ସଅଳ ପତ୍ର ପୋଡା ଏବଂ ଉଛୁର ପତ୍ର ପୋଡା ଟମାଟୋ ଫସଲ ରେ ସଅଳ ପତ୍ର ପୋଡା ଏବଂ ଉଛୁର ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୫୦୦ ଗ୍ରାମ Zineb ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ୭ ଦିନ ଅନ୍ତର ରେ ୨ ରୁ୩ ଥର ସିଂଚନ କରନ୍ତୁ । |
| ଆଳୁ | □ ଆଳୁ ଶଲଭ କୀଟ ଏହି କୀଟ ର ପରିଚାଳନା ପାଇଁ ଆଳୁ ଶଲଭ କୀଟ ଉପଦ୍ରବ ଅଞ୍ଚଳ ରେ ୧୦ ସେମି ଗଭୀର ରେ ଆଳୁ ବିହନ ଲଗାନ୍ତୁ । ଆଳୁ ଖୋଳିବା ପରେ ଅଧିକ ସମୟ ଖୋଲା ରେ ରଖନ୍ତୁ ନାହିଁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁଏକର ପ୍ରତି ୭୫ ମିଲି Spinosad ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦ ମି.ଲି Chlorantraniliprole ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। |
| କଦଳୀ | □ ସିଗାଟୋକା ପତ୍ରଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲ୍ୟୁ.ପି. କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । |
| ମରିଗଲଦ | □ କଢ଼ ଓ ଫୁଲଖିଆ ପୋକ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ୨୦% ଇ.ସି. କିମ୍ବା ୨ ମି.ଲି. କ୍ୱିନାଲଫସ୍ ୨୫% ଇ.ସି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | □ ଗାଈଗୋରୁ ମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକା କାରଣ କରନ୍ତୁ । ଶୀତ ଋତୁ ରେ ଗାଈଗୋରୁ ମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ଘାସ ସାଇତି ରଖନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଇଣ୍ଡିଆନ ମଜର କାର୍ପ | □ ଶୀତ ଋତୁ ରେ ମାଛ ମାନଙ୍କୁ "EUS" (Epizootic ulcerative syndrome) ରୋଗ ହେବା ର ସମ୍ଭାବନା ଅଛି । ତେଣୁ ଏକର ପ୍ରତି cifax @ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ମାଛ ପୋଖରୀ ରେ ଜୈବିକ ପଦାର୍ଥ ଯଥା ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ । |

**ଆବହାଵିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |